# Akashvani, Sambalpur

## SAMBALPURI NEWS MORNING BULLETIN

## 26 June 2026 - 6.47- 6.52 am.

---

ଜନଗଣନା            ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଚାଲିଥିବା ଜନଗଣନା କାର୍ଯ୍ୟକ୍ରମ୍‌ର ପହେଲା ଖେପ୍ ସଫଲତାର୍ ସହେତେ ପୁରା ହେଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ଜନଗଣନାର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିଛନ୍ । ଜନଗଣନା ଅଭିଯାନ୍‌ର ନିର୍ଦ୍ଦେଶକ୍ ନିଖିଲ୍ ପଓ୍ୱନ୍ କଲ୍ୟାଣ୍ ସୂଚ୍‌ନା ଦେଇଛନ୍, ପହେଲା ଖେପେ ଗୃହ ତାଲିକା ବନାବାର୍, ଆବାସ ଗଣନା, ଏପ୍ରିଲ୍ ୧୬ ନୁ ମେ ୧୫ ତାରିଖ୍‌ତକ୍ ୩୦ ଦିନ୍ ଧରିକରି ଠିକ୍ ଭାବେ ସରିଛେ । ତାର୍ ଆଘୋନୁ ଏପ୍ରିଲ୍ ୧ ନୁ ୧୫ ତାରିଖ୍‌ତକ୍ ସ୍ୱଗଣନା କାର୍ଯ୍ୟକ୍ରମ୍ ହେଇଥିଲା । ଜିଲ୍ଲାପାଳ୍, ପୌର କମିଶନର୍, ଜନଗଣନାକାରୀ ଆଉ ସୁପର୍‌ଭାଇଜର୍‌ମାନ୍‌କର୍ ମିଳିତ୍ ଚେଷ୍ଟା ଲାଗି ଇଟା ସମ୍ଭବ୍

ହେଇଛେ ବଲି ଶ୍ରୀ କଲ୍ୟାଣ୍ କହିଛନ୍ । ୨ ନମ୍ବର୍ ଖେପ୍ ଜନଗଣନା -୨୦୨୭ ଫେବୃଆରୀ ମାସେ ହେବା ।

ଚଲଚ୍ଚିତ୍ର ପୁରସ୍କାର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ଭାଷା , ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଆଏଜ୍ ଉପର୍‌ବେଲା ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ କନ୍‌ଭେନ୍‌ସନ୍ ସେଂଟର୍ ଠାନେ ୨୦୨୩- ଆଉ ୨୦୨୪ ବଛର୍ ଲାଗି ରାଜ୍ୟ ଚଲଚ୍ଚିତ୍ର ପୁରସ୍କାର୍ ଦିଆଯିବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇ ଅବ୍‌ସରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଶିଳ୍ପ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ବିଧାୟକ୍ ସିଦ୍ଧାନ୍ତ ମହାପାତ୍ର, ଆକାଶ୍‌ଦାସ ନାୟକ୍ ଆଉ ବାବୁ ସିଂ ପ୍ରମୁଖ୍ ଯୋଗ୍ ଦେବେ । ଗଲାକାଏଲ୍ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ସଂସ୍କୃତିମନ୍ତ୍ରୀ ଶ୍ରୀ ସୂରଜ୍ ୨ ବଛର୍ ଲାଗି ଇ ପୁରସ୍କାର୍ ଘୋଷ୍‌ନା କରିଥିଲେ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

କେନ୍ଦ୍ରୀୟ ପାନୀୟ ଜଳ ଆଉ ପରିମଳ ସଚିବ  ଆଇ ଆଣ୍ଡ୍ ପି.ଆର୍

କେନ୍ଦ୍ରୀୟ ପାନୀୟ ଜଳ ଆଉ ପରିମଳ ସଚିବ ଅଶୋକ୍ କେ.କେ. ମୀନା  ରାଏଜେ ଜଲ୍‌ଜୀବନ୍ ମିଶନ୍ ଆଉ ସ୍ୱଚ୍ଛ ଭାରତ୍ ମିଶନ୍-

ଗ୍ରାମୀଣ୍‌ର ସମୀକ୍ଷା କରିଛନ୍ । ଜଲ୍‌ଜୀବନ୍ ମିଶନ୍‌ଥି ରାଜ୍ୟର୍ ଉଲ୍ଲେଖନୀୟ ଅଗ୍ରଗତି ଲାଗି ସେ ରାଜ୍ୟ ସର୍‌କାର୍‌ଙ୍କୁ ପ୍ରଶଂସା କରିଛନ୍ । ଜଳ ଅର୍ପଣ୍ କାର୍ଯ୍ୟକ୍ରମ୍ ଜରିଏ ଜଳଯୋଗାଣ ଭିତିଭୂମି ପରିଚାଳନା ଦାୟିତ୍ୱ, ପଂଚାୟତ୍ ଆଉ ଭି.ଡବ୍ଲୁ.ଏସ୍.ସି.ଙ୍କୁ ହସ୍ତାନ୍ତର୍ କର୍‌ବାର୍ ଆଉ ଅଏତ୍‌କା ଗାଁକେ ଓଡିଏଫ୍ ପ୍ଲସ୍ ମାନ୍ୟତା ଦେବାର୍‌କେ ଶ୍ରୀ ମୀନା ପରାମର୍ଶ ଦେଇଥିଲେ ।

ନିଶା ନିବାରଣ୍ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନିଶା କାର୍‌ବାର୍ ଆଉ ବେଆଇନ୍ ନିଶା ଚାଲାଣ୍‌କେ ରୁକ୍‌ବାର୍ ଲାଗି ଲୁକ୍‌କର୍ ଭିତ୍‌ରେ ଜନସଚେତନତା ବଢ଼ାବାର୍ ଉଦ୍ଦେଶ୍‌ଥି ଆଏଜ୍ ବିଶ୍ୱ ନିଶା ନିବାରଣ ଦିବସ୍ ପାଳନ୍ କରାଯାଉଛେ । ମିଳିତ ଜାତିସଂଘ ତର୍‌ଫୁ ୧୯୮୭ ମସିହାନୁ ନିଶା କର୍‌ବାର୍ ଆଉ ତାର୍ ଚୋରାଚାଲାଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଳନ୍ କରାଯାଉଛେ । ନିଶା ନିବାରଣ୍ ଲାଗି ରାଜ୍ୟ ସର୍‌କାର୍ ଦିଶା ଯୋଜ୍‌ନା ଅଧୀନ୍‌ଥି ୧୧ ଟା ନିଶାମୁକ୍ତ କେନ୍ଦ୍ର ଥାପ୍‌ନା କରିଛନ୍ ଆଉ ଭବିଷ୍ୟତ୍ ନ ଫି ଜିଲ୍ଲା ନ ଇଟା ଥାପ୍‌ନା

କର୍‌ବାର୍ ଲାଗି ଖାସ୍ ବ୍ୟବସ୍ଥା କରୁଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଖାସ୍‌କରି ଯୁଆନ୍ ପିଢ଼ିଙ୍କୁ ନିଶାମୁକ୍ତ ଆଉ ସୁସ୍ଥ ସମାଜ୍ ଗଠନ୍ ଲାଗି ସଚେତନ୍ ହେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଏସ୍‌ଆଇଆର        ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ଅଭିଯାନ୍ ଶେଷ୍ ହେବାର୍‌କେ ଆଉ ୩ ଦିନ୍ ବାକି ରହିଛେ । ରାଏଜେ ଏବ୍‌ତକ୍‌ତକ୍ ୯୯ ଦଶ୍‌ମିକ୍ ୯/୩ ପ୍ରତିଶତ୍ ଫର୍ମ ବଂଟା ସରିଛେ । ରାଜ୍ୟର୍ ୩ କୋଟି ୧୩ ଲାଖ ୪୨ ହଜାର୍ ୭ ଶହ ୯୪ ଝନ୍‌କର୍ ଡିଜିଟାଇଜେସନ୍ କାମ୍ ଶେଷ୍ ହେଇଛେ ।  ଆଏବା ୩ ଦିନ୍ ଭିତ୍‌ରେ ବାକି ଥିବା କାମ୍‌କେ ଯୁଦ୍ଧକାଲୀନ୍ ଭିତିଥି ଶେଷ୍ କରାଯିବା ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଆର୍ଏନ୍ୟୁ/ ସମ୍ବଲପୁର

ବିଦ୍ୟୁତ୍ ଆଉ ବୈଦ୍ୟୁତିକ୍ ଉପକରଣ୍‌ର ଠିକ୍ ଭାବେ ବେଭାର୍ କର୍‌ବାର୍ ସହେତେ ବିଦ୍ୟୁତ୍ ଆଘାତ୍‌ନୁ ବଂଚ୍‌ବାର୍ ଉଦ୍ଦେଶ୍ୟଥି ଆଏଜ୍‌ଠାନୁ ଜୁଲାଇ ୨ ତାରିଖ୍‌ତକ୍ ଶକ୍ତି ବିଭାଗ୍ ତର୍‌ଫୁ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଲନ୍ କରାହେବା । 'ଆଝିର୍ ସଚେତନତା ଆଏବା କାଏଲ୍‌ର ସୁରକ୍ଷା- ଆସୁନ୍ ଆମେ ସଭେ ମିଲିମିଶିକରି ବିଦ୍ୟୁତ୍ ସଟ୍ ସର୍କିଟ୍‌ନୁ ହେଉଥିବା ଅଗ୍ନିକାଣ୍ଡକେ ରୁକ୍‌ମା' ବାର୍ତା ନେଇକରି ଇ ହପ୍ତା ପାଲନ୍ କରାଯିବା । ଇ ହପ୍ତାଥି ବୈଦ୍ୟୁତିକ ଉପକରଣ୍‌ମାନ୍‌କର୍ ସଠିକ୍ ବେଭାର୍, ସେମାନ୍‌କର୍ ଯାଂଚ୍ ଆଉ ବିଦ୍ୟୁତ୍ ଆଘାତ୍ ପାଇଥିବା ପିଡ଼ିତ୍ ମାନ୍‌କୁ ଉଦ୍ଧାର୍ ବାଗିର୍ ଭିନ୍ ଭିନ୍ ବିଷେଥି ସଚେତନ୍ କରାଯିବା ।

ଆଇଆଇଏମ୍‌ସି ନାଁଲେଖା ଆର୍ଏନ୍ୟୁ/ ସମ୍ବଲପୁର

ଢେଙ୍କାନାଲ୍ ନ ଥିବା ଭାରତୀୟ ଜନସଂଚାର୍ ସଂସ୍ଥାନ୍-ଆଇଆଇଏମ୍‌ସି ଥି ୨୦୨୬-୨୭ ଶିକ୍ଷା ବଛର୍ ଲାଗି ନାଁଲେଖା

ପ୍ରକ୍ରିୟା ଜାରି ରହିଛେ । ଆଏବା ମାସ ୩ ତାରିଖ୍ ସଖାଲର୍ ୧୧ ବଜେ ପତ୍ର ସୂଚନା କାର୍ଯ୍ୟାଳୟ- ଭୁବ୍‌ନେଶ୍ୱର୍, ଆକାଶ୍‌ବାଣୀ କାର୍ଯ୍ୟାଳୟ ସମ୍ବଲ୍‌ପୁର୍ ଆଉ ୧୭ ତାରିଖ୍ ଆଇଆଇଏମ୍ ଢେଙ୍କାନାଲ୍ ପରିସର୍ ନ ସ୍ୱଟ୍ ଏଡ୍‌ମିଶନ୍ ଆଉ ସାକ୍ଷାତ୍‌କାର୍ ହେବା । ଇଚ୍ଛୁକ ଛାତ୍ରଛାତ୍ରୀମାନେ ୯୯୩୭୮-୮୧୨୮୫ ନମ୍ବର୍‌ଥି ଯୋଗାଯୋଗ୍ କରିପାର୍‌ବେ ।

ପିଏମ୍ ସ୍ୱନିଧି ଉତ୍ସବ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଟାଉନ୍‌ହଲ୍ ଠାନେ ପିଏମ୍ ସ୍ୱନିଧି ଉତ୍ସବ୍ ହେଇଯାଇଛେ । ଯୋଜ୍‌ନା ଜରିଏ ଉଠାଦୋକାନୀମାନ୍‌କର୍ ଆର୍ଥିକ୍ ସଶକ୍ତିକରଣ୍, ସ୍ୱାବଲମ୍ବନ୍ ଆଉ ଜୀବକାର ଉନ୍ନତି ବାବ୍‌ଦେ ଆଲୋଚନା କରାଯାଇଥିଲା । ଇ ଅବ୍‌ସରେ ଭବାନୀପାଟ୍‌ନା ପୌରପାଳିକାର୍ ୧୦ ଝନ୍ ବେପାରୀଙ୍କୁ ପହେଲା କିସ୍ତି ଟଙ୍କା ଦିଆଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଳ୍ ତନ୍ମୟ କୁମାର୍ ଦର୍‌ୱାନ୍ ଆଉ ଉପଜିଲ୍ଲାପାଳ୍ ପ୍ରଭାତ କୁମାର୍ ପରିଡ଼ା ପ୍ରମୁଖ୍ ଯୋଗ୍ ଦେଇଥିଲେ ।

ଡି.ଡି.ସି. ଆଉ ଡି.ଏଲ୍.ଆର୍.ସି. ବୈଠକ ନୂଆପଡ଼ା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାପାଲ୍ ସମ୍ମିଲନୀ କକ୍ଷ ନ ଗଲାକାଏଲ୍ ଡି.ଡି.ସି. ଆଉ ଡି.ଏଲ୍.ଆର୍.ସି. ବୈଠକ୍ ହେଇଯାଇଛେ । ବୈଠକ୍ଥି ବାର୍ଷିକ ଋଣ ଯୋଜ୍ନାର୍ ଲକ୍ଷ୍ୟ, ଉଦ୍ୟାନ୍ କୃଷି, ପ୍ରାଣୀସମ୍ପଦ୍, ମାଛ୍ ଚାଷ୍ ଆଉ ଅଲ୍ଗା ବିଭାଗ୍କେ ଋଣ ଦେବାର୍, ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ୍, ସ୍ୱୟଂ ସହାୟକ ଗୋଷ୍ଠୀମାନ୍କର୍ ବେଙ୍କ୍ ସଂଯୋଗ୍ ବାଗିର୍ ଭିନ୍ ଭିନ୍ ବିଷେଥି ସମୀକ୍ଷା କରାଯାଇଥିଲା ।